# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 5 September – 2026

*********************************

## ମୁଖ୍ୟ ସମ୍ବାଦ

- ଶିକ୍ଷକଙ୍କ ପ୍ରୟାସ ପାଇଁ ଅଧାରୁ ପାଠ ଛାଡୁଥିବା ବିଦ୍ୟାର୍ଥୀଙ୍କ ସଂଖ୍ୟା ହ୍ରାସ ପାଇଛି : କହିଲେ ରାଷ୍ଟ୍ରପତି ।

  - ନୂଆଦିଲ୍ଲୀରେ ଆଜି ପ୍ରଦାନ କଲେ ଜାତୀୟ ଶିକ୍ଷକ ପୁରସ୍କାର : ଓଡ଼ିଶାରୁ ୨ ଜଣ ଶିକ୍ଷକ ସମ୍ମାନିତ ।

- ଗୁରୁଦିବସ ଅବସରରେ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ଗଣମାଧ୍ୟମରୁ ଦୂରେଇ ରହିବା ସହ ଏକନିଷ୍ଠ ଭାବେ ଅଧ୍ୟୟନ କରିବାକୁ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ ।

- ପୁରୀ ଶ୍ରୀମନ୍ଦିରରେ ଆଜି ଅନୁଷ୍ଠିତ ହେଉଛି ନବୋତ୍ସବ ନୀତି ।

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ।

## ଗୁରୁଦିବସ–ବୁଝାମଣା

ରାଜ୍ୟରେ ଶିକ୍ଷା କ୍ଷେତ୍ରକୁ ଅଧିକ ଦକ୍ଷତାଭିତ୍ତିକ, ଗୁଣାତ୍ମକ ଓ ନିଯୁକ୍ତିମୁଖୀ କରିବା ଦିଗରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଜି ଏକାଧିକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ବିଭିନ୍ନ ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର ଏବଂ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କ ଦକ୍ଷତା ବିକାଶ ପାଇଁ ନୂଆ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଉଚ୍ଚଶିକ୍ଷା ବିଭାଗ ଓ ଆଇବିଏମ୍-ସିଏସ୍ଆର୍ ବକ୍ସ ମଧ୍ୟରେ ହୋଇଥିବା ବୁଝାମଣାପତ୍ର ମାଧ୍ୟମରେ ରାଜ୍ୟର ୧ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ କରାଯିବ। ବିଶେଷକରି ରାଜ୍ୟର ଉପାନ୍ତ ଓ ଆକାଂକ୍ଷୀ ଜିଲ୍ଲାଗୁଡ଼ିକର ୧୦୭ଟି ଉଚ୍ଚ ଶିକ୍ଷାନୁଷ୍ଠାନର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀ ସାମିଲ ହେବେ।

ଛାତ୍ରୀଙ୍କ ପାଇଁ ବିଶେଷ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଲାଗି ଉଚ୍ଚଶିକ୍ଷା ବିଭାଗ ଓ ନନ୍ଦୀ ଫାଉଣ୍ଡେସନ୍ ମଧ୍ୟରେ ବୁଝାମଣା ହୋଇଛି। ଆଜି ସମସ୍ତଙ୍କ ପାଇଁ କୃତ୍ରିମ ବୁଦ୍ଧିମତା ପାଠ୍ୟକ୍ରମର ଶୁଭାରମ୍ଭ ହୋଇଛି। ଆଜି ମଧ୍ୟ ଉଚ୍ଚଶିକ୍ଷା ବିଭାଗ ଏବଂ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ଶିକ୍ଷାନୁଷ୍ଠାନ ଓ ଶିକ୍ଷକଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାୟନ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଜାତୀୟ ଶିକ୍ଷାନୀତି–୨୦୨୦ ଆଧାରରେ 'ପ୍ରଶ୍ନବ୍ୟାଙ୍କ ପୋର୍ଟାଲ'ର ଶୁଭାରମ୍ଭ ହୋଇଛି।

ସୁବର୍ଣ୍ଣପୁର ଜିଲ୍ଲାର ଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁରୁଦିବସ ପାଳିତ ହୋଇଛି। ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ୧୦୦ଟି ଉଚ୍ଚ ବିଦ୍ୟାଳୟରେ ଏକକାଳୀନ 'ତସ୍ମୈ ଶ୍ରୀ ଗୁରବେ ନମଃ' ନାଟକ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ହୋଇଛି।

ଗଞ୍ଜାମ ଜିଲ୍ଲା ଛତ୍ରପୁର ପୌରପରିଷଦର ସାନଆର୍ଯ୍ୟପଲ୍ଲୀ ସରକାରୀ ଉଚ୍ଚବିଦ୍ୟାଳୟରେ ଜିଲ୍ଲାପାଳ ଭି. କିର୍ତ୍ତିଭାସନ୍ ଗୁରୁଦିବସ ଅବସରରେ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ାଇଛନ୍ତି।

ଭଦ୍ରକ ସହର ନୂଆବଜାର ଗାନ୍ଧୀପଡ଼ିଆସ୍ଥିତ ମଞ୍ଜୁଳମଞ୍ଜରୀ ସରସ୍ୱତୀ ଶିଶୁମନ୍ଦିରରେ ଗୁରୁଦିବସ ପାଳନ କରାଯାଇଛି।

Cuttack

## ବିଜେପି ରାଜ୍ୟ କାର୍ଯ୍ୟକାରିଣୀ

କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଆଜିଠାରୁ ବିଜେପି'ର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆରମ୍ଭ ହେଉଛି। ବୈଠକରେ ଦଳର ସାମ୍ପ୍ରତିକ ସ୍ଥିତି, ସାଂଗଠନିକ ଦକ୍ଷତା ଓ ସରକାରୀ ଯୋଜନାର ଫଳପ୍ରଦ ରୂପାୟନ ସମ୍ପର୍କରେ ଆଲୋଚନା ହେବାନେଇ ଆମ ସମ୍ବାଦଦାତା ଜଣାଇଛନ୍ତି। ସେହିଭଳି ବୈଠକରେ ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ଆଲୋଚନା ହେବ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ମନ୍ତ୍ରୀମଣ୍ଡଳର ସଦସ୍ୟ, ସମସ୍ତ ସାଂସଦ, ବିଧାୟକ, ରାଜ୍ୟ ପଦାଧିକାରୀ,

ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ, ରାଜ୍ୟ ପ୍ରଭାରୀଙ୍କ ସମେତ ଅନ୍ୟ ଶୀର୍ଷ ନେତୃତ୍ୱ ଯୋଗଦେଇଥିବା ଜଣାପଡ଼ିଛି।

***Puri, Kendrapada/R/Sonepur***

## ନନ୍ଦୋତ୍ସବ

ପୁରୀ ଶ୍ରୀମନ୍ଦିରରେ ଆଜି ନନ୍ଦୋତ୍ସବ ନୀତି ପାଳିତ ହେଉଛି। ଶ୍ରୀଜିଉମାନଙ୍କ ମଙ୍ଗଳ ଆଳତି ନୀତି ଶେଷ ହୋଇଛି। ମହାଜନ ସେବାୟତ’ ରାମକୃଷ୍ଣଙ୍କୁ ଆଣି ଜଗମୋହନ ଦୋଳିରେ ଓ ଦକ୍ଷିଣଘରୁ ମଦନମୋହନଙ୍କୁ ଦୋଳିରେ ବିଜେ କରାଯାଇଛି। ମଇଲମ ଓ ଅନ୍ୟାନ୍ୟ ନୀତି ଶେଷ ହେବାପରେ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ନିକଟରେ ଷଠି ଓ ମାର୍କଣ୍ଡୀ ପୂଜା ଆଦି ନୀତି ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଭିତରଛ ମହାପାତ୍ର ନନ୍ଦରାଜା ରୂପରେ ସ୍ନାନମଣ୍ଡପ ଉପରେ ବସିବେ ଏବଂ ଭରତିଆ ଗୌଡ଼ ପୁତ୍ର ଜନ୍ମହେବା ଖବର ନନ୍ଦରାଜାଙ୍କୁ ଦେବେ।

ସେହିପରି କେନ୍ଦ୍ରାପଡ଼ା ତୁଳସୀ କ୍ଷେତ୍ରର ଶ୍ରୀବଳଦେବଜିଉ ମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମନୀତି ପାଳିତ ହେବା ପରେ ଆଜି ସନ୍ଧ୍ୟାରେ ବାଳଗୋପାଳଙ୍କ ଯମୁନାସ୍ନାନ ନୀତି ଅନୁଷ୍ଠିତ ହେବ।

ସୁବର୍ଣ୍ଣପୁର ଜିଲ୍ଲାରେ ଆଜି ପାତାଳି ଶ୍ରୀକ୍ଷେତ୍ର, ଶ୍ୟାମସୁନ୍ଦରକୁଞ୍ଜ କୁଟୀର, ଶ୍ରୀ ଗୋପାଳଜୀ ମନ୍ଦିର, ସୈନଗିରିସ୍ଥିତ ଯୋଗେଶ୍ୱର ପୀଠ ସହ ବିଭିନ୍ନ ମଠ ମନ୍ଦିରରେ ପାରମ୍ପରିକ ନନ୍ଦୋତ୍ସବ ଅନୁଷ୍ଠିତ ହୋଇଛି।

Kendrapara

## ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬

ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପରିପ୍ରେକ୍ଷୀରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ରଘୁରାମ ଆର୍ ଆୟାରଙ୍କ ଅଧ୍ୟକ୍ଷତାରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସ୍ୱଚ୍ଛ, ନିର୍ଭୁଲ ଓ ସମାବେଶୀ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

Ganjam

## ଉଲ୍ଲାସ

ସମାଜରେ ସାକ୍ଷରତା ଓ ଜୀବନବ୍ୟାପୀ ଶିକ୍ଷାର ଗୁରୁତ୍ୱ ନେଇ ବ୍ୟାପକ ସଚେତନତା ସୃଷ୍ଟି ସହ ନିରକ୍ଷର ବ୍ୟକ୍ତିମାନଙ୍କୁ ସାକ୍ଷର କରିବା ଲକ୍ଷ୍ୟରେ ଗଞ୍ଜାମ ଜିଲ୍ଲାରେ 'ଉଲ୍ଲାସ' ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଛି। ଛତ୍ରପୁର ସ୍ଥିତ ପିଏମ୍‌ଶ୍ରୀ ଅନସ୍ଲୋ ଉଚ୍ଚ ବିଦ୍ୟାଳୟ ପରିସରରୁ 'ଉଲ୍ଲାସ' ସଚେତନତା ଯାନକୁ ଜିଲ୍ଲାପାଳ ଭି. କିର୍ତ୍ତିଭାସନ୍ ଶୁଭାରମ୍ଭ କରିଛନ୍ତି। ଆଜିଠାରୁ ୯ ତାରିଖ ପର୍ଯ୍ୟନ୍ତ ବ୍ଲକର ପ୍ରତ୍ୟେକ ଗ୍ରାମପଞ୍ଚାୟତ ଅଧିନସ୍ଥ ଗ୍ରାମକୁ ସଚେତନତା ଯାନ ପରିକ୍ରମା କରିବ।

Bhadrak

## ପ୍ରସ୍ତୁତି ବୈଠକ

ଭଦ୍ରକ ସହରରେ ଆଗାମୀ ଗଣେଶ ପୂଜା ଓ ଭସାଣୀ ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷରେ ଆଜି ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଆସନ୍ତା ଅକ୍ଟୋବର ୧୧ ତାରିଖରୁ ୧୫ ତାରିଖ ମଧ୍ୟରେ ମୂର୍ତ୍ତିଗୁଡ଼ିକୁ ବିସର୍ଜନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

***Desk***

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର କେତେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାନେଇ ସତର୍କ ସୂଚନା ଜାରି କରାଯାଇଛି।